
# ପିଲାଙ୍କ ଧରିତ୍ରୀ

ଶନିବାର, ୨୫ ଅଗଷ୍ଟ, ୨୦୧୮



୬ କବିତା



୭ ଜଣା-ଅଜଣା

୮ ଆଇନା



୩ ଜୁଜୁମୁରା ହାଇସ୍କୁଲ, ସମ୍ବଲପୁର



## ଝୁଲି ଝୁଲି ହସ



- ବାପା ରାଗି ଯାଇ ପୁଅକୁ ପାଟି କରି କହିଲେ- ତୋତେ ଗୋଟେ କଥା କହୁଛି, ହେଲେ ତୁ କରୁଚୁ ଆଉ ଗୋଟେ। ତୁ ଘର ଛାଡ଼ି ପଳା।
  ପୁଅ- କ’ଣ ହେଲା ? ମୁଁ ଏମିତି କ’ଣ ଭୁଲ୍ କଲି କି ?
  ବାପା- ମୁଁ ତୋତେ ଧନିଆପତ୍ର ଆଣିବାକୁ କହିଥିଲି, ହେଲେ ତୁ ଆଣିଚୁ ପୋଦିନା ପତ୍ର।
  ପୁଅ: ତାହାଲେ ବାପା, ଚାଲ ଆମେ ସାଙ୍ଗ ହୋଇ ଘର ଛାଡ଼ି ଯିବା।
  ବାପା: ମୁଁ କାହିଁକି ଯିବି ?
  ପୁଅ: ମା’ କହୁଥିଲେ ଏଇଟା କୁଆଡ଼େ ମେଥିପତ୍ର।
- (ଶିକ୍ଷକ-ଛାତ୍ରଙ୍କ ମଧ୍ୟରେ କଥାବାର୍ତ୍ତା)
  ଶିକ୍ଷକ: ଯଦି ତୁମେ ଭୁଲ୍ ବଶତଃ କୌଣସି ବୟସ୍କା ମହିଳାଙ୍କ ଗୋଡରେ ଚଢ଼ିଗଲ, ତେବେ, ତୁମେ କ’ଣ କରିବ ?
  ଛାତ୍ର: ସାର୍, ମୁଁ ତାଙ୍କୁ କ୍ଷମା ମାଗିବି।
  ଶିକ୍ଷକ: ବହୁତ ଭଲ। ଯଦି ସେ ଖୁସି ହୋଇ ତୁମକୁ ଚକୋଲେଟ୍ ଦେବେ ତା’ପରେ ତୁମେ କ’ଣ କରିବ ?
  ଛାତ୍ର: ତେବେ ମୁଁ ଆଉ ଗୋଟେ ଗୋଡ଼ରେ ଚଢ଼ିଯିବି। ତା’ପରେ ମୋତେ ଆଉ ଗୋଟେ ଚକୋଲେଟ୍ ମିଳିବ।

# ତୋ’ ରାଖୀର ମୂଲ ଅମୂଲମୂଲ

ସୁଶାନ୍ତ କୁମାର ନନ୍ଦ

ଗଳ୍ପ



**ପରଦିନ ସୂର୍ଯ୍ୟ ଉଇଁ ଆଲୁଅ ପଡ଼ିବା ପରେ ବୃଦ୍ଧା ଯେତେବେଳେ ନିଦରୁ ଉଠିଲେ, ସେତେବେଳକୁ ଆଜାଦ୍ ସେଠାରୁ ଚାଲି ଯାଇଥିଲେ। ଛାଡ଼ି ଯାଇଥିଲେ ତକିଆ ତଳେ ୫୦୦୦ ଟଙ୍କା ସହିତ ବୃଦ୍ଧାଙ୍କ ଉଦ୍ଦେଶ୍ୟରେ ଚିଠିଟିଏ। ଚିଠିରେ ଲେଖା ଥିଲା- ‘ଏ ମୋର ପ୍ରିୟ ଭଉଣୀ ମୋ’ ପାଇଁ ତୋ ରକ୍ଷାକବଚର ମୂଲ ଅମୂଲମୂଲ। ମୋର ପ୍ରିୟ ଭଉଣୀ ପାଇଁ ତା’ର ଭାଇ ତରଫରୁ ରାଖୀର ଏତିକି ମାତ୍ର ଉପହାର।**

ସେ ସମୟରେ ଭାରତବର୍ଷ ପରାଧୀନ ଥାଏ। ଦେଶ ସ୍ୱାଧୀନତା ପାଇଁ ବୀର ଭାରତୀୟମାନେ ସଂଗ୍ରାମ ଜାରି ରଖିଥା’ନ୍ତି। ଠିକ୍ ସେହି ସମୟର କଥା। ସ୍ୱାଧୀନତା ସଂଗ୍ରାମୀ ବୀର ଚନ୍ଦ୍ରଶେଖର ଆଜାଦ୍ ବିଦେଶୀ ଶାସନ କବଳରୁ ଭାରତକୁ ମୁକୁଳାଇ ସ୍ୱାଧୀନତା ଆଣିଦେବାକୁ ସଂଗ୍ରାମରେ ନିଜକୁ ସାମିଲ କରି ଦେଇଥା’ନ୍ତି। ଗୋରା ଇଂରେଜମାନେ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସଂଗ୍ରାମକୁ ଦମନ କରିବା ପାଇଁ ତାଙ୍କ ପଛରେ ପଡିଯାଇ ଥାଆନ୍ତି। ଫିରିଙ୍ଗୀମାନଙ୍କ ଆଖିରେ ଧୂଳି ଦେଇ ଚନ୍ଦ୍ରଶେଖର ଆଜାଦ୍ ଦିନେ ବର୍ଷା ପବନ ରାତିରେ ଏକ ନିଛାଟିଆ ସ୍ଥାନରେ ଗୋଟିଏ ଅଜଣା ଘରେ ପହଞ୍ଚି ଗଲେ। ସେ ଘରେ ଜଣେ ବିଧବା ତାଙ୍କ ଝିଅ ସହିତ ରହୁଥାଏ। ସଂଗ୍ରାମୀ ଆଜାଦ୍‌ଙ୍କୁ ପ୍ରଥମେ କୌଣସି ଏକ ଡାକୁ ସର୍ଦ୍ଦାର ଭାବି ବୃଦ୍ଧା ବିଧବାଟି ଘରେ ଆଶ୍ରୟ ଦେବାକୁ ରୋକ୍‌ଠୋକ୍ ମନା କରିଦେଲେ। କିନ୍ତୁ ଚନ୍ଦ୍ରଶେଖର ଆଜାଦ୍ ନିଜର ପରିଚୟ ଦେବା ପରେ ବିଧବାଟି ସସମ୍ମାନେ ଆଜାଦ୍‌ଙ୍କୁ ଆଶ୍ରୟ ଦେଇଥିଲେ। ସେଦିନ ବୃଦ୍ଧାଙ୍କ ସହିତ କଥାବାର୍ତ୍ତାରୁ ଚନ୍ଦ୍ରଶେଖର ଆଜାଦ୍ ଜାଣିବାକୁ ପାଇଥିଲେ ଯେ ଅତ୍ୟନ୍ତ ଗରିବ ଯୋଗୁ ବୃଦ୍ଧାଜଣକ ଝିଅର ବିବାହ କରିବାରେ ଅକ୍ଷମ। ଏଥର ଚନ୍ଦ୍ରଶେଖର ଆଜାଦ୍ ବୃଦ୍ଧାଙ୍କୁ ସହାୟତା କରିବା ଉଦ୍ଦେଶ୍ୟ ନେଇ କହିଥିଲେ ‘ମୋ ମୁଣ୍ଡରେ ସରକାର ୫୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଆପଣ ଚାହିଁଲେ ମୋତେ ଗୋରା ଇଂରେଜମାନଙ୍କ ହାତରେ ଧରାଇ ଦେଇ ୫୦୦୦ ଟଙ୍କା ପୁରସ୍କାର ବାବଦରେ ପାଇ ଝିଅର ବିବାହ କରିପାରିବେ’। ଆଜାଦ୍‌ଙ୍କ ମୁହଁରୁ ଏତକ ଶୁଣି ବୃଦ୍ଧା ଜଣକ ଲୁହ ଗଡ଼ାଇବାକୁ ଲାଗିଲେ। କାନ୍ଦି କାନ୍ଦି କହିଲେ, ‘ଭାରତ ମା’ଙ୍କୁ ସ୍ୱାଧୀନତା ଦେବା ପାଇଁ ଆପଣଙ୍କ ପରି ବୀର ପୁରୁଷମାନେ ଜୀବନକୁ ଖାତିର ନ କରି ଦେଶ ମାତୃଭୂମି ଲାଗି ସଂଗ୍ରାମ ଜାରି ରଖିଛନ୍ତି। କୋଟି କୋଟି ଭାରତୀୟଙ୍କ ଆଶା ଭରସା ହେଉଛନ୍ତି ଆପଣଙ୍କ ପରି ବୀର ସଂଗ୍ରାମୀମାନେ। ମୁଁ ଏତେ ନୀଚମନା ନୁହେଁ, ଯିଏକି ନିଜ ସ୍ୱାର୍ଥ ପାଇଁ ଏତେ ବଡ଼ ବେଇମାନ କାମ କରିପାରିବି।’ ଏହାପରେ ବିଧବା ଜଣକ ନିଜ ପଣତକାନି ଚିରି ଆଜାଦ୍‌ଙ୍କ ହାତରେ ରକ୍ଷାକବଚ ସ୍ୱରୂପ ବାନ୍ଧି ଦେଇ ସଂଗ୍ରାମରେ ବିଜୟ ହାସଲ କରିବାକୁ ପ୍ରେରଣା ଦେବା ସହିତ ନିଜେ ଦେଶମାତୃଭୂମିର ସେବା କରିବାକୁ କଥା ଦେଇଥିଲେ। ପରଦିନ ସୂର୍ଯ୍ୟ ଉଇଁ ଆଲୁଅ ପଡ଼ିବା ପରେ ବୃଦ୍ଧା ଯେତେବେଳେ ନିଦରୁ ଉଠିଲେ, ସେତେବେଳକୁ ଆଜାଦ୍ ସେଠାରୁ ଚାଲି ଯାଇଥିଲେ। ଛାଡ଼ି ଯାଇଥିଲେ ତକିଆ ତଳେ ୫୦୦୦ ଟଙ୍କା ସହିତ ବୃଦ୍ଧାଙ୍କ ଉଦ୍ଦେଶ୍ୟରେ ଚିଠିଟିଏ। ଚିଠିରେ ଲେଖା ଥିଲା- ‘ଏ ମୋର ପ୍ରିୟ ଭଉଣୀ ମୋ’ ପାଇଁ ତୋ ରକ୍ଷାକବଚର ମୂଲ ଅମୂଲମୂଲ। ମୋର ପ୍ରିୟ ଭଉଣୀ ପାଇଁ ତା’ର ଭାଇ ତରଫରୁ ରାଖୀର ଏତିକି ମାତ୍ର ଉପହାର। ଖୁସି ମନରେ ଏହାକୁ ସ୍ୱୀକାର କରିବୁ ଭଉଣୀ।’ ବୃଦ୍ଧା ଜଣକ ଚିଠି ପଢ଼ି ସାରି ଫିରିଙ୍ଗୀ ଉପରେ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ବିଜୟ ପାଇଁ ଭଗବାନ୍‌ଙ୍କ ପାଖରେ ପ୍ରାର୍ଥନା କରିବାକୁ ଲାଗିଲେ।

*ମାରଡା, ଗୋପୀନାଥପୁର, ସାଲେପୁର, କଟକ*

## ମତାମତ

- ‘ସ୍କୁଲ୍... ସ୍କୁଲ୍’ ସ୍ତମ୍ଭରୁ ଢେଙ୍କାନାଳର ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ ସମ୍ପର୍କରେ ଜାଣିବାକୁ ମିଳିଲା।
  *- ମୋନିକା ପ୍ରଧାନ, ଲୋକନାଥ ରୋଡ୍, ପୁରୀ*
- ‘ଜଣା ଅଜଣା’ ସ୍ତମ୍ଭଟି ବେଶ୍ ଉପାଦେୟ ହେଉଛି। ଏଥିରୁ ଅନେକ କଥା ଜାଣିବାକୁ ମିଳୁଛି।
  *- ବାଦଲ ବେହେରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର*
- ପାର୍ଥକ୍ୟ ଦର୍ଶାଅ ଓ ବିନ୍ଦୁଯୋଡ଼ କରିବାକୁ ମଜା ଲାଗୁଛି।
  *- ନମ୍ରତା ପରିଡ଼ା, ଉଲୁଣ୍ଡା, ସୁବର୍ଣ୍ଣପୁର*
- ଚକୋଲେଟ୍ ମ୍ୟୁଜିୟମ୍ ବିଷୟରେ ଜାଣି ଖୁସି ଲାଗିଲା।
  *- ଅପର୍ଣ୍ଣା କାନୁନ୍‌ଗୋ, ବିଜେପୁର, ବରଗଡ*

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି (ହାଇ ରିଜଲ୍ୟୁସନ୍ ଥିବା)ର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଶ୍ରେଣୀ,ସ୍କୁଲ,ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

## ଟଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




▼ ସ୍କୁଲର ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି।



▼ ଶୈକ୍ଷିକ ଭ୍ରମଣରେ ସ୍କୁଲର ଛାତ୍ରୀମାନେ।





# ଜୁଜୁମୁରା ହାଇସ୍କୁଲ୍ ସମ୍ବଲପୁର

**ସଂକ୍ଷେପରେ...**

- ସ୍ଥାପିତ: ୨୬ ଜୁନ୍ ୧୯୬୨
- ମାଧ୍ୟମ: ଓଡ଼ିଆ
- ଶ୍ରେଣୀ: ନବମ, ଦଶମ
- ଛାତ୍ରୀଛାତ୍ର ସଂଖ୍ୟା: ୨୧୬
- ଶିକ୍ଷୟିତ୍ରୀଶିକ୍ଷକ ସଂଖ୍ୟା-୯



ଜିତେନ୍ଦ୍ର କୁମାର ମେଣ୍ଡୋଲି
ପ୍ରଧାନ ଶିକ୍ଷକ

ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ପରିବେଶରେ ପିଲାଙ୍କ ହାଇସ୍କୁଲ ପଢ଼ିବା ପାଇଁ ରହିଥିଲା ସମସ୍ୟା। ୧୯୬୨ ମସିହାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆରମ୍ଭ ହୋଇଥିଲା ହାଇସ୍କୁଲ ଶିକ୍ଷାଦାନ। ସମୟ ଅତିକ୍ରାନ୍ତ କରିବା ସହ ସ୍କୁଲକୁ ଏବେ ୫୬ ବର୍ଷ ହୋଇଛି। ସ୍କୁଲରେ ଭିତ୍ତିଭୂମି ସହ ଶିକ୍ଷାଦାନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆସିଛି। ସ୍କୁଲ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଜିଲା ଏବଂ ରାଜ୍ୟସ୍ତରରେ ସ୍କୁଲ ଓ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି। ମୁଖ୍ୟତଃ ଆର୍ଚେରି ଖେଳରେ ପିଲାମାନେ ଜାତୀୟସ୍ତରରେ ଚୟନ ହୋଇ ରାଜ୍ୟ ବାହାରକୁ ପ୍ରତିବର୍ଷ ଖେଳିବା ପାଇଁ ଯାଇଥାନ୍ତି। ଛାତ୍ରୀଛାତ୍ରମାନଙ୍କ ହକି ପ୍ରତି ବେଶ୍ ରୁଚି ରହିଛି। ତେଣୁ ଏଠାରେ ସରକାରଙ୍କ ଦ୍ୱାରା ଏକ ସିନ୍ଥେଟିକ ହକି ପଡ଼ିଆ ନିର୍ମାଣ କରାଯାଇ ଏକ ହକି ମିନିଷ୍ଟାଡିୟମ ତିଆରି ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍କୁଲରେ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ, କ୍ରୀଡ଼ା, ନୃତ୍ୟ ଗୀତ, ଖେଳକୁଦ, ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ ସହ ସାମାଜିକ କର୍ତ୍ତବ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ପ୍ରତିବର୍ଷ ଏଠାରେ କ୍ରୀଡ଼ା, ଚିତ୍ରାଙ୍କନ, ଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥାଏ। ଏହା ସହ ବାର୍ଷିକ ଉତ୍ସବ ଏବଂ ପିଲାମାନଙ୍କୁ ନେଇ ବଣଭୋଜି ଆୟୋଜନ ହୋଇଥାଏ। ପ୍ରତିବର୍ଷ ମାଟ୍ରିକ୍ ପରୀକ୍ଷାରେ ସ୍କୁଲର ଛାତ୍ରୀଛାତ୍ର ଭଲ ରେଜଲ୍ଟ କରୁଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ –୧ ର୍ୟାଙ୍କ ରଖି ସ୍କୁଲର ଛାତ୍ର ସ୍ୱରୂପ ପ୍ରକାଶ ସାହୁ ଜିଲାରେ ଟପ୍ ଟେନ୍‌ରେ ରହିଥିଲେ। ସେହିଭଳି ଏହି ସ୍କୁଲରୁ ପାଠ ପଢ଼ିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ସରକାରୀ ତଥା ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଏପରିକି ଦେଶ ବାହାରେ ସୌଦିଆରବରେ ଇଞ୍ଜିନିୟର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

– ରିପୋର୍ଟ: **ଶୁଭାଶିଷ ପାଢ଼ୀ**



ରିଙ୍କୁ



ପ୍ରତ୍ୟୁଷ



ସୁଭଦ୍ରା



ଆଲୋକ



ଅର୍ପିତା



ସ୍ମୃତିରେଖା



ତୁଷାର




ଶୁଭଲକ୍ଷ୍ମୀ


## ପ୍ରତିଭାଙ୍କ ସମ୍ପର୍କରେ...


- **ରିଙ୍କୁ ପ୍ରଧାନ, କ୍ଲାସ୍-୯:** ସ୍କୁଲର ମେଧାବୀ ଛାତ୍ର ମଧ୍ୟରୁ ସେ ଜଣେ। ପାଠ ସାଙ୍ଗକୁ ତର୍କରେ ଭାଗ ନିଅନ୍ତି। ବ୍ଲକ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି।
- **ସୁଭଦ୍ରା ରାଜହଂସ, କ୍ଲାସ୍-୧୦:** ସେ ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ସ୍କୁଲ ପକ୍ଷରୁ ସେ ଅନେକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସ୍କୁଲ ପାଇଁ ସୁନାମ ଆଣିଛନ୍ତି।
- **ଅର୍ପିତା ପ୍ରଧାନ, କ୍ଲାସ୍-୯:** ସାଧାରଣ ଜ୍ଞାନରେ ବେଶ୍ ଧୁରନ୍ଧର ଅର୍ପିତା। ପ୍ରତିଦିନ ସ୍କୁଲରେ ହେଉଥିବା କୁଇଜ୍ ପ୍ରତିଯୋଗିତାରେ ପ୍ରଶ୍ନର ଉତ୍ତର ଦେଇ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି।
- **ତୁଷାର ପ୍ରଧାନ, କ୍ଲାସ୍-୧୦:** ଭଲ ପଢ଼ିବା ସହ ଖେଳକୁଦରେ ଭାଗ ନିଅନ୍ତି। ସ୍କୁଲରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଛନ୍ତି।
- **ପ୍ରତ୍ୟୁଷ ପ୍ରଧାନ, କ୍ଲାସ୍-୯:** ଖେଳକୁଦ ପ୍ରତି ରୁଚି ରଖିଥିବା ଏହି ଛାତ୍ର ଭଲ ପାଠ ମଧ୍ୟ ପଢନ୍ତି। ସ୍କୁଲର ଅନ୍ୟାନ୍ୟ କାମରେ ମଧ ସେ ଆଗେଇ ଆସି ସାହାଯ୍ୟ କରନ୍ତି।
- **ଆଲୋକ ଗୁପ୍ତା, କ୍ଲାସ୍-୯:** ସେ ଜଣେ ମେଧାବୀ ଛାତ୍ର। ବଡ଼ ହେଲେ ସରକାରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ ।
- **ସ୍ମୃତିରେଖା ପ୍ରଧାନ, କ୍ଲାସ୍-୯:** ଜିଲାର ବିଭିନ୍ନ ସ୍କୁଲରେ ହେଉଥିବା କୁଇଜ୍, ଡିବେଟ୍ ପ୍ରତିଯୋଗିତାରେ ଭାଗ ନେଇ ସ୍କୁଲ ପାଇଁ ସୁନାମ ଆଣିଛନ୍ତି।
- **ଶୁଭଲକ୍ଷ୍ମୀ ଧଳ:** ମେଧାବୃତ୍ତି ପରୀକ୍ଷାରେ ପାସ କରି ଏବେ ସରକାରଙ୍କ ଠାରୁ ମାସିକ ଆର୍ଥିକ ସାହାଯ୍ୟ ପାଉଛନ୍ତି। ଏହା ସହ ଏକାଧିକ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।


୧


୨


୩


୪


୫


୬


୭


୮


୯


୧୦


୧୧


# ତୁମ ତୂଳୀରୁ

୧


**ଅର୍ଚ୍ଚିଶା ଆଭନି,** କ୍ଲାସ -୩, ସେଣ୍ଟ୍ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର

୨


**ହିମାଂଶୁ ମାଝୀ,** କ୍ଲାସ୍ -୬, ନାରାୟଣା ସ୍କୁଲ, ପଟିଆ, ଭୁବନେଶ୍ୱର

୩


**ପ୍ରତ୍ୟାଶା ପ୍ରିୟଦର୍ଶିନୀ,** କ୍ଲାସ -୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର

୪


**ଶିଖାରାଣୀ ନାୟକ,** କ୍ଲାସ୍ -୫, କେ.ଭି.-୫, ଭୁବନେଶ୍ୱର

୫


**ତିଶା ଗୁପ୍ତା,** କ୍ଲାସ୍ -୯, ରାଜନଗର ହାଇସ୍କୁଲ, କେନ୍ଦ୍ରାପଡ଼ା

୬


**ଶିବାନୀ ପଟ୍ଟନାୟକ,** କ୍ଲାସ୍ -୪, ଡିଏଭି ସ୍କୁଲ, ପୁରୀ

୭


**ପି.ସି.ବାଦଲ କୁମାର,** କ୍ଲାସ୍ -୪, ଭେଙ୍କଟେଶ୍ୱର ସ୍କୁଲ, ଜାରକା, ଯାଜପୁର

୮


**ନିଖିଲ ରଞ୍ଜନ ସାହୁ,** କ୍ଲାସ-୬, ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ,ଭିଏସ୍ଏସ୍ ନଗର, ଭୁବନେଶ୍ୱର

୯


**ଜାସ୍ମିନ୍ ଜେନା,** କ୍ଲାସ୍- ୮, ଲୟୋଲା ସ୍କୁଲ, ଭୁବନେଶ୍ୱର

୧୦


**ପ୍ରେକ୍ଷା ପୂର୍ବାଷା ବରାଳ,** କ୍ଲାସ୍- ୫, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

୧୧


**ଯାଜ୍ଞସ୍ମିତା ପାଢୀ,** କ୍ଲାସ୍- ୩, ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିର, ବାଲୁଗାଁ

## କବିତା



# ଆସିଗଲା ଭାଇ ରାଖୀ ପୂନେଇଁ

ବରଷକେ ପରେ ରାଖୀ ପୂନେଇଁ
ଭାଇ ଭଉଣୀଙ୍କ ସେନେହ ନେଇ,
ଆସିଛି ସହର, ଗାଁ ଗଣ୍ଡାରେ
ମାଳ ମାଳ ରାଖୀ ହାଟ ବଜାରେ ।
ସଜବାଜ ଝିଅ, ବୋହୂଏ ଘରେ
ପିଠା, ପଣା, ମିଠା କେତେ ପ୍ରକାରେ,
ରେଶମୀ ସୂତାର ପବିତ୍ର ଡୋରେ
ଭଉଣୀ ବାନ୍ଧିବ ଭାଇ ହାତରେ ।
ଚନ୍ଦନ, ତିଳକ, ଫୁଲ ଲଗାଇ
ଖୋଇ ଦେବ ତାକୁ କେତେ ମିଠାଇ ;
ଆପଦେ ବିପଦେ ଭାଇଟି ସାହା
ଲୁହ ପୋଛି ଦେଇ କହିବ 'ଆହା' ।
ଭାଇ ଭାଇ ବୋଲି ଡାକି ଦେଲେ ସେ
ଦଉଡି ଆସଇ ଭାଇଟି ପାଶେ,
''ଡରନା ମୋ' ସୁନା ଅଛି ମୋ ପାଖେ,
ଭାଇ ତୋର ସଦା ସୁଖେ କି ଦୁଃଖେ ।''
କେତେ ଯୁଗରୁ ଏ ରାଖୀ ଚଳନ
ଭାଇ-ଭଉଣୀଙ୍କ ସ୍ନେହ ବନ୍ଧନ,
ଦେଶ ବିଦେଶରେ ଆମ ଏ ପ୍ରଥା
ଘରେଘରେ କେତେ ପ୍ରୀତି ମମତା ।

**– ଆର୍ତ୍ତତ୍ରାଣ ମିଶ୍ର**
ପ୍ରାଚାର୍ଯ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧,
ୟୁନିଟ୍-୯, ଭୁବନେଶ୍ୱର

# ସ୍ନେହର ପର୍ବ

କୁନି ଡାକ ଦେଲା ଶୁଣ ମୁନି
କାହିଁକି ତୁ ବସିଛୁ ହୋଇ ତୁନି ।
ଆଜି ପରା ଅଟେ ରାଖୀ ପୂନେଇଁ
ସେ କଥା କି ତୋର ମନେ ନାହିଁ ।
ଭଳିକି ଭଳି ରାଖୀ ଦୋକାନରେ
ବିକିରି ହେଉଛି ସବୁ ସ୍ଥାନରେ ।
ମନ ପସନ୍ଦର ରାଖୀ କିଣିବା
ଭାଇଙ୍କ ହାତରେ ପିନ୍ଧାଇ ଦେବା ।
ତିଳକ ତାଙ୍କ ମଥାରେ ଲଗାଇ
ମିଠା ଆଣି ଦେବା ତାଙ୍କୁ ଖୁଆଇ ।
ଯାହା ଉପହାର ଦେବେ ଆମକୁ
ଆନନ୍ଦେ ଗ୍ରହଣ କରିବା ତାକୁ ।
ବିପଦେ ଆପଦେ ସେ ସାହା ହେବେ
ଡରିବା ନାହିଁ ଆମେ କାହାକୁ ତେବେ ।
ଭାଇ ଭଉଣୀଙ୍କ ଅତୁଟ ସ୍ନେହ
କିଏ ତାକୁ କାଟି ପାରିବ କୁହ ।
ସ୍ନେହ ପ୍ରୀତିର ଏ ପର୍ବ ପରା
ସାରା ଭାରତରେ ଅଟେ ନିଆରା ।
ଭୁଲି ଯାଅ ସବୁ ରାଗରୋଷ
ଏ ପର୍ବ ପାଳିବା ହୋଇ ହରଷ ।





**– ସୁଧାକର ରାଉତ**
ପ୍ରତାପନଗରୀ, କଟକ, ମୋ: ୮୮୯୫୧୬୩୩୦୨

## ରେକର୍ଡ
# ସର୍ବକନିଷ୍ଠ ଲେଖକ




ଅୟାନ ଗୋଗୋଇ ଗୋହେନ୍

କୁନି କୁନି ପିଲାମାନଙ୍କଠାରେ ଏଭଳି ପ୍ରତିଭା ଲୁକ୍କାୟିତ ହୋଇ ରହିଥାଏ, ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ସେଭଳି ଜଣେ କୁନି ପ୍ରତିଭା ହେଉଛନ୍ତି ଆସାମର ଲକ୍ଷ୍ମୀପୁରରେ ବାସ କରୁଥିବା ୪ ବର୍ଷୀୟ ଅୟାନ ଗୋଗୋଇ ଗୋହେନ୍ । ଏହି ପ୍ରତିଭା ଜଣକ ଭାରତର ସବୁଠାରୁ କମ୍ ବୟସ୍କ ଲେଖକ ହେବାର ଗୌରବ ଅର୍ଜନ କରିଛନ୍ତି । ଚଳିତ ବର୍ଷ ଜାନୁୟାରୀରେ ପ୍ରକାଶିତ ପୁସ୍ତକ 'ହନିକୋମ୍ବ' ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି । ଏହି ପୁସ୍ତକରେ ଅୟାନ୍‌ଙ୍କ ଲିଖିତ ୩୦ ଛୋଟ କାହାଣୀ ସହିତ ତାଙ୍କ ଦ୍ୱାରା ଅଙ୍କିତ ଚିତ୍ରକୁ ସାମିଲ କରାଯାଇଛି । ଅୟାନଙ୍କ ଏହି ପ୍ରତିଭା ନିଶ୍ଚିତଭାବେ ଅନ୍ୟ ପିଲାମାନଙ୍କୁ ପ୍ରେରଣା ଯୋଗାଇବ ।

## କହିଲ ଦେଖି

**– ପ୍ରଶାନ୍ତ କୁମାର ନାଥ**, ସୁନ୍ଦରପୁର,
ଉତ୍ତରକୂଳ ହାଟ,ପ୍ରୀତିପୁର,ଯାଜପୁର
ମୋ:୮୮୯୨୩୦୧୧୪୩

କାଗଜରେ ଗଢ଼ା ଦେହଟି ତା'ର
ଲୋଡା ପଡେ ଯେବେ ଆସେ ମକର
ଖୁସିରେ ଆକାଶେ ସେ ଉଡଇ
ଆମ ହାତେ ଥାଏ ତା'ର ନଟେଇ
ସଭିଙ୍କ ମନକୁ ନିଏ ସେ ମୋହି
କିଏ ସେ ପାରିବ ନାମ ତା' କହି ?
**ଉ: ଗୁଡି**



ଦଶଟି ଗୋଡରେ ଚାଲୁଛି ସିଏ
ପାଣିରେ ରୁହେ ସେ ଗାତରେ ରୁହେ
କାମୁଡିଲେ ପୁଣି ବିନ୍ଧି ଫଟାଏ
ନାମଟି ତାହାର କୁହ କହିବ କିଏ ?
**ଉ: କଙ୍କଡା**



ଜେଜେର ମାମୁ ସେ ବାପାର ମାମୁ
ପିଉସୀ ମାମୁ ସେ ମାଉସୀ ମାମୁ
କୁନି ପିଲାଙ୍କର ସେ ଅଟଇ ପ୍ରିୟ
କିଏ ସେ ଜାଣିଛ ନାମ ତା କୁହ ?
**ଉ: ଜହ୍ନ**



ଦେହଟି ତାହାର କାଠରେ ଗଢ଼ା
ନୁହେଁ ଗାଡି ସିଏ ନୁହେଁ ବି ଘୋଡା
ତେଲରେ ନୁହେଁ ସେ ପାଣିରେ ଚାଲେ
ନାଆଁଟି ତାହାର କହିବ କିଏ ?
**ଉ: ଡଙ୍ଗା**



## ଏଥରର ପ୍ରଶ୍ନ



- କେଉଁ ଓଡ଼ିଆ ତିଥିରେ ରାଖୀ ପର୍ବ ପାଳନ କରାଯାଏ ?
- ରାଖୀ ପୂର୍ଣ୍ଣିମା ଆଉ କେଉଁ ନାଁ ରେ ପରିଚିତ ?
- ଶ୍ରାବଣ ପୂର୍ଣ୍ଣିମା ତିଥିରେ କେଉଁ ଯାତ୍ରା ଅନୁଷ୍ଠିତ ହୋଇଥାଏ ?
- ଗହ୍ମା ପୂର୍ଣ୍ଣିମାକୁ କାହାର ଜନ୍ମ ଦିବସ ରୂପେ ପାଳନ କରାଯାଏ ?
- ଗହ୍ମା ପୂର୍ଣ୍ଣିମାରେ କେଉଁ ପ୍ରାଣୀକୁ ପୂଜା କରାଯାଇଥାଏ ?

## ଆରଥରର ଉତ୍ତର

- ସାହାନାଇ
- ବଂଶୀ
- ତବଲା
- ସିତାର
- ସନ୍ତୁର
- ସରୋଦ

## ରଙ୍ଗ ଦିଅ



ନାମ :
ଶ୍ରେଣୀ :
ସ୍କୁଲ :
ଠିକଣା :

# ଜଣା ଅଜଣା



❖ଚନ୍ଦ୍ରପୃଷ୍ଠକୁ ଯାତ୍ରା କରିଥିବା ମହାକାଶଚାରୀଙ୍କ ପାଦଚିହ୍ନ ଆଜି ବି ସେଠାରେ ମହଜୁଦ ଅଛି। ଚନ୍ଦ୍ର ପୃଷ୍ଠରେ ଜଳ ଓ ବାୟୁ ନ ଥିବା ହେତୁ ଏପରି ଘଟିଥାଏ।



❖ଉଡନ୍ତା ପକ୍ଷୀ ମଧ୍ୟରୁ ଏକ ବିଶାଳ ପକ୍ଷୀ ହେଉଛି ଫ୍ଲେମିଙ୍ଗୋ। ଏହି ପକ୍ଷୀର ହାରାହାରି ଉଚ୍ଚତା ପ୍ରାୟ ୧.୪ ମିଟର ହୋଇଥିବା ବେଳେ ଏହାର ଦୁଇ ବିସ୍ତାରିତ ଡେଣାର ଲମ୍ବ ୧.୫ ମିଟର ଯାଏଁ ହୋଇଥାଏ।



❖ମହୁମାଛିର ଦୁଇଟି ପାକସ୍ଥଳୀ ଥାଏ। ଗୋଟିଏ ପାକସ୍ଥଳୀରେ ଖାଦ୍ୟ ପାଚନ ହେଉଥିବା ବେଳେ ଅନ୍ୟଟିରେ ମହୁ ପ୍ରସ୍ତୁତ ପ୍ରକ୍ରିୟା ସଙ୍ଘଟିତ ହୋଇଥାଏ।

❖ଉତ୍ତର ଆମେରିକାରେ ଅବସ୍ଥିତ ଗ୍ରୀନ୍‌ଲ୍ୟାଣ୍ଡ ହେଉଛି ପୃଥିବୀର ସର୍ବବୃହତ୍ ଦ୍ୱୀପ। ଏହା ୨,୧୬୬,୦୮୬ ବର୍ଗ କିଲୋମିଟର ଯାଏ ପରିବ୍ୟାପ୍ତ।





❖ଗାଲିଲିଓ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ସର୍ବପ୍ରଥମେ ଟେଲିସ୍କୋପ ମାଧ୍ୟମରେ ମହାକାଶକୁ ଦେଖିଥିଲେ।

ବିଜ୍ଞାନ କଥା

# ବ୍ରିଦ୍ ଆନାଲାଇଜର

ସ୍ମିତା ନାୟକ



ଯେତେବେଳେ କୌଣସି ବ୍ୟକ୍ତି ମଦ୍ୟପାନ କରେ, ସେତେବେଳେ ଆଲ୍‌କହଲ୍ ମୁହଁ, ଗଳା, ପେଟ ଏବଂ ଅନ୍ତନଳୀ ପର୍ଯ୍ୟନ୍ତ ଯାଇଥାଏ। ସେହି ସମସ୍ତ ଅଙ୍ଗଗୁଡ଼ିକର ନଳିକାରେ ରକ୍ତପ୍ରବାହ ଚାଲୁଥାଏ। ରକ୍ତ ଆଲ୍‌କହଲକୁ ଶୋଷଣ କରିନିଏ। ଏହି ପ୍ରକାରେ ତା' ରକ୍ତରେ ମିଶିଯାଏ।

ସଡ଼କ ଦୁର୍ଘଟଣା ଆଜିକାଲି ସାଧାରଣ ଘଟଣା। ପ୍ରତିଦିନ ସଡ଼କ ଦୁର୍ଘଟଣାର ଖବର ଟିଭି ଓ ଖବରକାଗଜ ପୃଷ୍ଠାମଣ୍ଡନ କରେ। ପ୍ରତିବର୍ଷ ହଜାର ହଜାର ଲୋକ ଏହାର ଶିକାର ହେଉଛନ୍ତି। ଦୁର୍ଘଟଣାର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ହେଲା ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇବା। ତେଣୁ ଆଇନ ଅନୁସାରେ ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା ଅପରାଧ ଅଟେ।

ପୋଲିସ ମଦ ପିଇଥିବା ଗାଡ଼ିଚାଳକ ବିଷୟରେ ଜାଣିବା ପାଇଁ ବ୍ରିଦ୍ ଆନାଲାଇଜର ଅର୍ଥାତ୍ ପ୍ରଶ୍ୱାସର ବିଶ୍ଳେଷଣ କରୁଥିବା ଉପକରଣର ବ୍ୟବହାର କରିଥାଏ। ସେଥିରୁ ଜଣାପଡ଼େ ଯେ, ରକ୍ତରେ ଆଲ୍‌କହଲର ମାତ୍ରା କେତେ ରହିଛି। ଏହି ଘଟଣା ବିଷୟରେ ଜାଣିବାକୁ ହେଲେ ରକ୍ତ ବା ମୂତ୍ରର ନମୁନା ନେବାକୁ ହୋଇଥାଏ ଏବଂ ସେହି ନମୁନା ପରୀକ୍ଷା କରିବା ପାଇଁ ଲାବୋରେଟୋରୀକୁ ପଠାଇବାକୁ ପଡେ। ଯଦି ରିପୋର୍ଟ ଶୀଘ୍ର ଜାଣିବାକୁ ଇଚ୍ଛା, ତେବେ ମୋବାଇଲ ଲାବୋରେଟୋରୀ ବ୍ୟବସ୍ଥା କରିବାକୁ ହେବ। ଟ୍ରାଫିକ୍‌ରେ ପୋଲିସ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ।

ପୋଲିସ ନିମନ୍ତେ ବ୍ରିଦ୍ ଆନାଲାଇଜର ପ୍ରୟୋଗ ସହଜ ଏବଂ ସୁବିଧାଜନକ। ଯେଉଁ ଡ୍ରାଇଭର ଉପରେ ସନ୍ଦେହ ଆସେ, ତା'ର ମୁହଁରେ ଏହି ଉପକରଣ ଲଗାଯାଏ ଏବଂ ନିଃଶ୍ୱାସ ଛାଡିବାକୁ କୁହାଯାଏ। ତା'ପରେ ଶ୍ୱାସପ୍ରଶ୍ୱାସର ପରୀକ୍ଷା ହୋଇଯାଏ ଏବଂ ମଦ୍ୟପାନ ବିଷୟରେ ଜଣାପଡିଯାଏ।

୧୯୪୦ ମସିହାରେ କିଛି ଆମେରିକାର ପୋଲିସ୍ ଅଧିକାରୀ ରକ୍ତ ପରୀକ୍ଷାର ଅସୁବିଧାରୁ ରକ୍ଷା ପାଇବାକୁ ଯାଇ ବ୍ରିଦ୍ ଆନାଲାଇଜର ପରି ନୂତନ ଉପାୟ ଖୋଜିଥିଲେ। ଆଜି ପୃଥିବୀର ସମସ୍ତ ସ୍ଥାନରେ ଏହି ଯନ୍ତ୍ର ଲୋକପ୍ରିୟ।

ଯେତେବେଳେ କୌଣସି ବ୍ୟକ୍ତି ମଦ୍ୟପାନ କରେ, ସେତେବେଳେ ଆଲ୍‌କହଲ୍ ମୁହଁ, ଗଳା, ପେଟ ଏବଂ ଅନ୍ତନଳୀ ପର୍ଯ୍ୟନ୍ତ ଯାଇଥାଏ। ସେହି ସମସ୍ତ ଅଙ୍ଗଗୁଡ଼ିକର ନଳିକାରେ ରକ୍ତପ୍ରବାହ ଚାଲୁଥାଏ। ରକ୍ତ ଆଲ୍‌କହଲକୁ ଶୋଷଣ କରିନିଏ। ଏହି ପ୍ରକାରେ ତା' ରକ୍ତରେ ମିଶିଯାଏ। ବିଶେଷ କଥା ଏହା ଯେ, ଆଲକହଲ୍‌ର ପାଚନ କ୍ରିୟା ହୋଇ ନ ଥାଏ କିମ୍ବା ସେଥିରେ କୌଣସି ରାସାୟନିକ ପ୍ରତିକ୍ରିୟା ହୋଇ ନ ଥାଏ। ରକ୍ତ ସହ ବହିଯାଇ ଆଲ୍‌କହଲ ଅନ୍ତତଃ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଯାଇଥାଏ। ଆଲ୍‌କହଲ ବାଷ୍ପୀୟ ଅବସ୍ଥାକୁ ଶୀଘ୍ର ଆସି ଯାଇଥାଏ। ତେଣୁ କିଛି ଖାଲି ସ୍ଥାନ ପାଇବା ମାତ୍ରେ ହିଁ କିଛି ପ୍ରତିଶତ ଆଲ୍‌କହଲ୍ ବାଷ୍ପୀକରଣ ହୋଇଯାଏ। ବାଷ୍ପୀଭୂତ ହୋଇଯାଇଥିବା ଆଲ୍‌କହଲ୍‌ର ମାତ୍ରା ରକ୍ତରେ ମହଜୁଦ ଥିବା ମୋଟ ଆଲ୍‌କହଲ୍ ମାତ୍ରା ଉପରେ ନିର୍ଭର କରିଥାଏ। ଏହି ଦୁଇଟି ପରିମାଣ ମଧ୍ୟରେ ସମାନୁପାତିକ ସମ୍ବନ୍ଧ ରହିଛି। ବାଷ୍ପୀଭୂତ ଆଲ୍‌କହଲ ନିଃଶ୍ୱାସ ସହ ବାହାରକୁ ଚାଲିଆସେ। ସେହି ନିଃଶ୍ୱାସରେ ବିଶ୍ଳେଷଣ ଦ୍ୱାରା ମହଜୁଦ ଆଲ୍‌କହଲର ମାତ୍ରା ଜଣାପଡିଯାଏ। ସମାନୁପାତିକ ସମ୍ବନ୍ଧ ଆଧାରରେ ବ୍ୟକ୍ତି କେତେ ମଦ୍ୟପାନ କରିଛି ଜଣାପଡିଥାଏ। ଯଦି ରକ୍ତରେ ଆଲ୍‌କହଲ ମାତ୍ରା ଆଇନ ଦ୍ୱାରା ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ଥାଏ, ତେବେ ନିଶାଗ୍ରସ୍ତ ହୋଇ ଯାନ ଚଳାଉଥିବା ଡ୍ରାଇଭରକୁ ଅପରାଧୀ ବୋଲି ଗ୍ରହଣ କରାଯାଏ ଏବଂ ପୋଲିସ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରେ।

ଉପକରଣ: ନିଃଶ୍ୱାସର ବିଶ୍ଳେଷଣ କରୁଥିବା ବ୍ରିଦ୍ ଆନାଲାଇଜର ତିନି ପ୍ରକାରର ହୋଇଥାଏ।

୧. ସାଧାରଣ ବ୍ରିଦ୍ ଆନାଲାଇଜର: ସେଥିରେ ଆଲ୍‌କହଲ୍ ଅନ୍ୟ ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରି ରଙ୍ଗ ବଦଳାଏ।

୨. ଏନ୍‌ଟକ୍ସି ଲାଇଜର୍: ଏହା ଇନ୍‌ଫ୍ରାରେଡ୍ ସ୍ପେକ୍ଟ୍ରୋସ୍କୋପି ଦ୍ୱାରା ଆଲ୍‌କହଲର ମାତ୍ରା ପରୀକ୍ଷା କରାଯାଏ।

୩. ଆଇକୋ ସେନ୍ସର: ଏଥିରେ ଫ୍ୟୁ ଏଲ୍‌ସେଲ ଦ୍ୱାରା ରାସାୟନିକ କ୍ରିୟା ସଂଘଟିତ ହୋଇ ଆଲ୍‌କହଲ୍ ବିଷୟରେ ଜଣାପଡେ।

ତିନି ପ୍ରକାରର ଭିନ୍ନଭିନ୍ନ ଉପକରଣ ହେଲେ ମଧ୍ୟ ଗୋଟିଏ ମାଉଥପିସ୍‌ରେ ହିଁ ନିଃଶ୍ୱାସ ଛଡ଼ାଯାଏ। ଏହିପରି ବ୍ରିଦ୍ ଆନାଲାଇଜର୍ ମାଧ୍ୟମରେ ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରକୁ ଧରାଯାଏ।

– ଭଞ୍ଜନଗର, ଗଞ୍ଜାମ

# ଆଇନା



ଲକି
୭ ବର୍ଷ




ଆପ୍ରା
୬ ବର୍ଷ



ତନ୍ଵି
୫ ବର୍ଷ